# 2024

Time :As in Programme

Full Marks : 100

*The figures in the right-hand margin indicate marks.*

*Answer **all** the questions*

## 'କ' ବିଭାଗ

୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । ୧x୧୦

(କ) "ବାକ୍ୟଂ ରସାତ୍ମକଂ କାବ୍ୟମ୍" – ଏହା କାହାର ଉକ୍ତି ?

(ଖ) ଏପିକ୍ ଶବ୍ଦର ମୂଳ ଗ୍ରୀକ୍ ରୂପ କ'ଣ ?

(ଗ) ଗାଥା କବିତାର ଇଂରାଜୀ ପ୍ରତିରୂପ କ'ଣ ?

(ଘ) ପ୍ରଥମ ଓଡ଼ିଆ ସମ୍ବୋଧନ ଗୀତିକାର ନାମ କ'ଣ ?

(ଙ) ବିଶ୍ୱ ସାହିତ୍ୟରେ ସନେଟ୍ ରଚନାଶୈଳୀର ଆଦ୍ୟ ପ୍ରବର୍ତ୍ତକ କିଏ ?

(ଚ) 'ଶେଷ ହୟ, ହୟଲାନ ଶେଷ' – କ୍ଷୁଦ୍ରଗଳ୍ପ ପ୍ରସଙ୍ଗରେ ଏହା କିଏ କହିଥିଲେ ?

(ଛ) ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଉପନ୍ୟାସର ନାମ କ'ଣ ?

(ଜ) କାହାର ଓଡ଼ିଆ ଏକାଙ୍କିକାରେ ମନସ୍ତତ୍ତ୍ୱର ଝଲକ ପ୍ରାୟତଃ ଦେଖିବାକୁ ମିଳେ ?

(ଝ) ନାରୀଶିକ୍ଷାର ପ୍ରସାର ନିମନ୍ତେ ଫକୀରମୋହନ ପ୍ରଥମେ କେଉଁ ଗଳ୍ପ ଲେଖିଥିଲେ ?

(ଞ) 'My Times and I' କାହାର ଆତ୍ମଜୀବନୀର ଇଂରାଜୀ ରୂପାନ୍ତର ?

## 'ଖ' ବିଭାଗ

୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ୫୦ ଶବ୍ଦ ମଧ୍ୟରେ ଦିଅ । ୨x୯

(କ) ଆଧୁନିକ ଭାରତୀୟ ସାହିତ୍ୟର ପ୍ରଥମ ମହାକାବ୍ୟର ନାମ କ'ଣ ? ଏହାର ରଚୟିତା କିଏ ?

(Turn Over)

(ଖ) ଶ୍ରେଣୀ ଭେଦରେ କାବ୍ୟ କେତେ ପ୍ରକାରର ? ସେସବୁର ନାମ କ'ଣ ?

(ଗ) ଚତୁର୍ଦ୍ଦଶପାଦୀ କବିତାକୁ ଇଂରାଜୀରେ କ'ଣ କୁହାଯାଏ ? ଏହା କେତେ ଭାଗରେ ବିଭକ୍ତ ?

(ଘ) ରମ୍ୟ ରଚନା ପ୍ରଥମେ କେଉଁ ସାହିତ୍ୟରେ କେଉଁ ନାମରେ ଲେଖାଯାଇଥିଲା ?

(ଙ) ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ପ୍ରଥମ ଓଡ଼ିଆ ଉପନ୍ୟାସର ନାମ କ'ଣ ? ଏହା କାହାର ସୃଷ୍ଟି ?

(ଚ) ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପର ନାମ କ'ଣ ? ଏହାକୁ କିଏ ଲେଖିଥିଲେ ?

(ଛ) ଫକୀରମୋହନଙ୍କ କେଉଁ ଉପନ୍ୟାସରେ ସାମାଜିକ କୁସଂସ୍କାର ପ୍ରମୁଖ ପ୍ରସଙ୍ଗ ହୋଇଛି ?

(ଜ) ଗୋଦାବରୀଶ ମିଶ୍ରଙ୍କ ରଚିତ ଦୁଇଟି ଐତିହାସିକ ନାଟକର ନାମୋଲ୍ଲେଖ କର ।

(ଝ) ଜୀବନୀ ଓ ଆତ୍ମଜୀବନୀ ମଧ୍ୟରେ ପ୍ରଥମ ମୌଳିକ ପାର୍ଥକ୍ୟ କ'ଣ ?

## 'ଗ' ବିଭାଗ

୩. ଯେକୌଣସି ଆଠଟିର ଉତ୍ତର ୨୫୦ ଶବ୍ଦ ମଧ୍ୟରେ ଦିଅ । ୫x୮

(କ) ମହାକାବ୍ୟ ଓ କାବ୍ୟ ରଚନା ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ବିଶ୍ଳେଷଣ କର ।

(ଖ) ଗୀତିକବିତାର ବୈଶିଷ୍ଟ୍ୟଗୁଡ଼ିକ ସମ୍ପର୍କରେ ଆଲୋଚନା କର ।

(ଗ) ଓଡ଼ିଆ ଭାଷାରେ ସମ୍ବୋଧନଗୀତିକା ଲେଖିଥିବା କିଛି କବି ଓ ସେମାନଙ୍କ କବିତାର ପରିଚୟ ପ୍ରଦାନ କର ।

(ଘ) ମାର୍କ୍ସବାଦୀ ଦର୍ଶନ ଆଧାରିତ ଓଡ଼ିଆ କ୍ଷୁଦ୍ରଗଳ୍ପ ଏବଂ ସେସବୁର ସ୍ରଷ୍ଟାଙ୍କ ସମ୍ପର୍କରେ ଆଲୋଚନା କର ।

(ଙ) ଗୋପୀନାଥ ମହାନ୍ତିଙ୍କ ଜନଜାତି ଜୀବନଚର୍ଯ୍ୟା ଆଧାରିତ ଗୋଟିଏ ପ୍ରମୁଖ ଉପନ୍ୟାସର ସମୀକ୍ଷା କର ।

(ଚ) ଗୋବିନ୍ଦ ତ୍ରିପାଠୀଙ୍କ ରମ୍ୟରଚନା ସମ୍ଭାରର ବିଶ୍ଳେଷଣ କର ।

(ଛ) କାହାକୁ କାହିଁକି ସାହିତ୍ୟରେ 'ଗଦ୍ୟ ମହାକାବ୍ୟ' କୁହାଯାଏ ?

(ଜ) କାଞ୍ଚି ଅଭିଯାନ ପ୍ରସଙ୍ଗ ଆଧାରିତ ନାଟକ ସମୂହ ଏବଂ ତା'ର ନାଟ୍ୟକାରଙ୍କ ବିଷୟରେ ଆଲୋଚନା କର ।

(ଝ) ପ୍ରାଣବନ୍ଧୁ କରଙ୍କ ମନସ୍ତତ୍ତ୍ୱମୂଳକ ଏକାଙ୍କିକା ସମୂହର ଆଲୋଚନା କର ।

(ଞ) ଓଡ଼ିଆ ପ୍ରବନ୍ଧ ସାହିତ୍ୟର ବିକାଶ ଦିଗରେ ବାଗ୍ମୀ ବିଶ୍ୱନାଥ କରଙ୍କ ଅବଦାନର ସମୀକ୍ଷା କର ।

## 'ଘ' ବିଭାଗ

ଯେକୌଣସି ଚାରିଟିର ଉତ୍ତର ୮୦୦ ଶବ୍ଦ ମଧ୍ୟରେ ଦିଅ । ୮x୪

୪. କାବ୍ୟର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ ସମ୍ପର୍କରେ ଆଲୋଚନା କର ।

୫. ଗୀତିକବିତାର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ ନିରୂପଣ କର ।

୬. ଉପନ୍ୟାସର ସଂଜ୍ଞା ଉଲ୍ଲେଖ ପୂର୍ବକ ପ୍ରକାରଭେଦ ସମ୍ପର୍କରେ ମତାମତ ପ୍ରଦାନ କର ।

୭. ଏକାଙ୍କିକାର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ ପୂର୍ବକ ଏହାର ସମୟୋପଯୋଗିତା ଦର୍ଶାଅ ।

୮. ପ୍ରବନ୍ଧର ସଂଜ୍ଞା ନିର୍ଦ୍ଦେଶ ପୂର୍ବକ ସ୍ୱରୂପ ନିରୂପଣ କର ।